ଶନିବାର, ୧୧ ଜାନୁଆରୀ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ପପୁ ତା'ର ଚାଇନା ସାଙ୍ଗକୁ ଦେଖିବାକୁ ହସ୍‌ପିଟାଲ ଯାଇଥିଲା। ତା' ସାଙ୍ଗ ତାକୁ ଦେଖି କହିଲା- ଚିଙ୍ଗ...ଚାଙ୍ଗ...ଚୋ...ଜା.....ଏତିକି କହି ସେ ମରିଗଲା।
ପପୁ ଏହାର ଅର୍ଥ ଜାଣିବାକୁ ଚାଇନା ଲାଇବ୍ରେରୀ ଗଲା,ଏହାର ଅର୍ଥ ଥିଲା......
କୁକୁର ଅକ୍ସିଜେନ୍ ପାଇପ୍‌ରୁ ଜଲ୍‌ଦି ଗୋଡ ଉଠା।

---

ରାମୁ ଡାକ୍ତରଙ୍କୁ କହିଲା- ସାର୍, ଆପଣ ବିନା କଷ୍ଟରେ ଦାନ୍ତ ବାହାର କରି ଦେଖାଇପାରିବେ ?
ଡାକ୍ତର: ନା
ରାମୁ: ମୁଁ କିନ୍ତୁ ବାହାର କରିଦେବି
ଡାକ୍ତର: କେମିତି ?
ରାମୁ: ହି ହି ହି ହି ହି ହି ହା ହା ହା......

---

ଗୋଟେ କୁକୁଡା ବତକକୁ ବାହା ହୋଇଗଲା।
ଗଞ୍ଜା: ଆମେ କ'ଣ ମରିଯାଇଥିଲୁ, ତୁ ଗୋଟେ ବତକକୁ ବାହା ହୋଇଗଲୁ।
କୁକୁଡା: ମୁଁ ତ ତୁମକୁ ବାହା ହୋଇଥାନ୍ତି ହେଲେ, ବାପା ମା' ଚାହୁଁଥିଲେ ପୁଅଟି ନାଭି(ନୌସେନା)ରେ ଥିବ!

# ଗୁଡ଼ି ଉଡ଼େଇବାର ପର୍ବ

ଗପ



ପାଞ୍ଚ ବର୍ଷ ବିଦେଶରେ ରହିବା ପରେ ଡୁବୁଲୁ ମା'ବାପାଙ୍କ ସହିତ କିଛି ଦିନ ହେଲା ଓଡ଼ିଶା ଆସିଛି। ଆସିବା ପରେ ପ୍ରଥମ ପର୍ବ ଦେଖିଲା ମକର ସଂକ୍ରାନ୍ତି। ପୂର୍ବରୁ ମକର ସଂକ୍ରାନ୍ତି ବିଷୟରେ ତା'ର କିଛି ଧାରଣା ନ ଥିଲା। ଦେଖିଲା ପିଲାମାନେ ଛାତ ଉପରେ ରଙ୍ଗବେରଙ୍ଗର ଗୁଡ଼ି ଉଡ଼ାଉଛନ୍ତି। ସବୁ ବୟସର ଲୋକେ ତା'ର ଆନନ୍ଦ ନେଉଛନ୍ତି। ଡୁବୁଲୁ ଦେଖିଲା ଦାଦାପୁଅ ଭାଇ ମନୁଆ ମଧ ଛାତ ଉପରେ ଗୁଡ଼ି ଉଡ଼ାଉଛି।

ଡୁବୁଲୁକୁ ଦେଖି ମନୁଆ କହିଲା – ତୁ ବି ଆସିଛୁ! ହଉ ଆସ ଦୁହେଁ ଏକାଠି ମିଶି ମଜା କରିବା। ଆଜି ମକର ସଂକ୍ରାନ୍ତି, ଗୁଡ଼ି ଉଡ଼ାଇବାର ଦିନ। ବିଦେଶରେ ଏସବୁ କେଉଁଠି? ଆମ ଦେଶରେ ଏହାର ମଜା ଅଲଗା।

ଡୁବୁଲୁ 'ମକର ସଂକ୍ରାନ୍ତି' ବିଷୟରେ କିଛି ବୁଝିପାରୁ ନ ଥିଲା। ପ୍ରଥମ ଥର ପାଇଁ ସେ ଏହି ପର୍ବର ବିଭିନ୍ନ ପରମ୍ପରା ସବୁକୁ ଦେଖୁଥିଲା। ମନୁଆର ଗୁଡ଼ି ଉଡ଼ାଇବା ଦେଖି ଡୁବୁଲୁ ମନରେ ଉତ୍ସାହ ଆସିଲା। ମନୁଆ ଡୁବୁଲୁକୁ ପାଖକୁ ଡାକି ଗୁଡ଼ିର ସୂତା ଧରାଇଦେଲା। ସେ ଅନୁଭବ କଲା – ଯେମିତି ଗୁଡ଼ି ତାକୁ ଟାଣି ନେଉଛି। ତା'ର ପାଦ ମାଟିରେ ନ ଥିଲା। ଭୟରେ ସେ ଗୁଡ଼ିକୁ ଛାଡି ଦେଲା। ମନୁଆ ହସି ହସି କହିଲା, ଆରେ ଏ କ'ଣ କଲୁ? କେବଳ ବାୟୁ ପ୍ରବାହ ଦ୍ୱାରା ଗୁଡ଼ି ଉପରକୁ ଓ ତଳକୁ ଗତି କରିଥାଏ। ଏଥିରେ ଭୟଭୀତ ହେବାର କ'ଣ ଅଛି?

ଡୁବୁଲୁ ଶିଡ଼ିରୁ ଓହ୍ଲାଇ ମା'ଙ୍କୁ ପଚାରିଲା, ମା'....! ଚାରିଆଡ଼େ ଗୁଡ଼ି ଉଡୁଛି। ଭାଇ କହୁଥିଲା... ଆଜି ମକର ସଂକ୍ରାନ୍ତି। ମା' କହିଲେ, ହଁ ପୁଅ। ଆମ ଦେଶରେ ବାର ମାସରେ ତେର ପର୍ବ। ସେଥି ମଧ୍ୟରୁ ମକର ସଂକ୍ରାନ୍ତି ଅନ୍ୟତମ। ଏବେ ଶୁଣ.. ଓଡ଼ିଆରେ ଏକ ପ୍ରବାଦ ଅଛି – 'ମକରଠାରୁ ବକର ହୁଏ', ଅର୍ଥାତ୍ ଏହି ଦିନଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୁଏ। ସୂର୍ଯ୍ୟଙ୍କର ତେଜ ମଧ ଏହି ଦିନଠାରୁ ପ୍ରଖର ହୁଏ। ଆଲୋକ ଆମ ଜୀବନର ଉତ୍ସ। ସୂର୍ଯ୍ୟଙ୍କୁ ହିନ୍ଦୁମାନେ ଏହିଦିନ ପୂଜାର୍ଚ୍ଚନା କରନ୍ତି। 'ଉତ୍ତରାୟଣ ଯାତ୍ରା' ବା ମକର ସଂକ୍ରାନ୍ତି ଉତ୍ସବ ଅନେକ ସ୍ଥାନରେ ମହାସମାରୋହରେ ପାଳିତ ହୋଇଥାଏ। କେତେକ ସ୍ଥାନରେ ଏହି ଦିନ ଉଭୟ ଶିବ ଓ ସୂର୍ଯ୍ୟଙ୍କୁ ପୂଜା କରାଯାଏ। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ମଧ ମକର ଚାଉଳ ଭୋଗ ହୁଏ। ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାଇବା ଆମ ସଂସ୍କୃତି, ପରମ୍ପରା ଭାଇଚାରାର ପ୍ରତୀକ। ଅନେକ ସ୍ଥାନରେ ଗୁଡ଼ି ଉଡ଼ା ପ୍ରତିଯୋଗିତା ମଧ ଆୟୋଜନ କରାଯାଇଥାଏ।

ତା'ହେଲେ ମା' ଗୁଡ଼ି ଉଡ଼ାଇଲେ କ'ଣ ଲାଭ ହୋଇଥାଏ? ପୁଅ! ଗୁଡ଼ି ଉଡ଼ାଇବା ହେଉଛି ସ୍ୱାଧୀନତାର ପ୍ରତୀକ। ଏହି ପରମ୍ପରା ଭଗବାନ ଶ୍ରୀରାମଙ୍କ ସମୟରୁ ଆରମ୍ଭ ହୋଇଛି। ହେଲେ ଏହି ଖେଳ ତ ଅତ୍ୟନ୍ତ ବିପଜ୍ଜନକ। ବେଳେବେଳେ ଆକାଶରେ ଉଡୁଥିବା ପକ୍ଷୀମାନେ ଗୁଡିର ସୂତାରେ ଆହତ ହେଉଛନ୍ତି ବୋଲି ଡୁବୁଲୁ କହିଲା।

ମାଆ କହିଲେ ହଁ ଠିକ୍ କଥା। ସେଥିପାଇଁ ତ ଆମକୁ ସତର୍କ ରହିବାକୁ ହେବ। ଖୋଲା ଆକାଶରେ ଗୁଡ଼ି ଉଡ଼ାଇଲେ କାହାର କିଛି ଅସୁବିଧା ହୁଏନି। ଏହା ବ୍ୟତୀତ କାହାର ଗୁଡ଼ିକୁ କାଟିବାକୁ ଚେଷ୍ଟା କରିବା ବଦଳରେ ନିଜର ଗୁଡ଼ିକୁ ଉପରକୁ ନେବାର କୌଶଳ ଶିଖିବା ଦରକାର। ହଁ ମା'...! ମୁଁ ବୁଝିଗଲି... ଛାତ ଉପରକୁ ଯାଇ ମନୁଆ ଭାଇକୁ ବୁଝାଇବାକୁ ଚେଷ୍ଟା କରିବି ଏବଂ ତାକୁ ଡାକି ଆଣିବି। ତା'ପରେ ଆମେ ସମସ୍ତେ ମକର ଚାଉଳ, ଗଜା ମୁଆଁ, ଚିନାବାଦାମ ଓ ପିଠା ଖାଇବା। ଏହା କହି ଡୁବୁଲୁ ଭାଇକୁ ଡାକିବା ପାଇଁ ଛାତ ଉପରକୁ ଗଲା।

**– ଲଳିତ ମୋହନ ମିଶ୍ର**, ନୟାଗଡ଼
ମୋ: ୯୪୩୭୦୯୮୪୮୬୬

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଭାଷା ସୁରକ୍ଷାର କର୍ଣ୍ଣଧାର

ବାଲେଶ୍ୱର ଜିଲା ସୋର ଗ୍ରାମର ପଣ୍ଡିତ ସଦାଶିବ ନନ୍ଦଙ୍କ ଅବସର ପରେ ତାଙ୍କ ବଦଳରେ ବଙ୍ଗଦେଶର କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନିଯୁକ୍ତ ହୋଇ ଆସିଲେ। ଶତଚେଷ୍ଟା ପରେ ବି ସେ ଓଡ଼ିଆ କହିପାରିଲେ ନାହିଁ। ଥରେ ଶ୍ରେଣୀଗୃହରେ ପାଠପଢ଼ା ଶୈଳୀ ଦେଖି ପିଲାମାନେ ହସିବାକୁ ଲାଗିଲେ, ଯାହା ତାଙ୍କୁ ଭାରି ବାଧିଥିଲା। ସେ ରାଗିକରି କହିଲେ-''ଆରେ ଓଡ଼ିଆ ତ ସ୍ୱତନ୍ତ୍ର ଭାଷା ନାଇ। ଉଡ଼େ ପଢ଼ାର ଦରକାର ନାଇ।' ପରେ ସେ ଚିନ୍ତାକଲେ ଏମିତି ମୁହଁରେ କହିଦେଲେ ହେବନାହିଁ। ତାକୁ ପ୍ରମାଣ କରିବାକୁ ହେବ। ସେଥିପାଇଁ ସେ ଏକ ରିପୋର୍ଟ ଲେଖି ଇନ୍ସପେକ୍ଟର ସାହେବଙ୍କ ପାଖକୁ ପଠାଇଦେଲେ। ଖୁବ୍‌ଶୀଘ୍ର ହେଡ୍‌ମାଷ୍ଟରଙ୍କ ପାଖକୁ ଏକ ଅର୍ଡର ଆସିଲା। ସେଥିରେ ଲେଖାଥିଲା 'ବାଲେଶ୍ୱର ଗଭର୍ନମେଣ୍ଟ ସ୍କୁଲରେ କେବଳ ସଂସ୍କୃତ ଆଉ ବଙ୍ଗଳା ପଢାହେବ।'



ଫକୀରମୋହନ ସେନାପତି

ଆମମାନଙ୍କ ମୁଣ୍ଡରେ ଚଡ଼କ ପଡିଲା। ଓଡ଼ିଆ ଭାଷାକୁ କିପରି ବଞ୍ଚାଇବୁ ଚିନ୍ତା କଲୁ। ହେଲେ ଏଇଟା ସରକାରୀ ମାମଲା, ଏଥିରେ ଆମେ ମୁଣ୍ଡ ପୂରାଇବୁ ନାହିଁ କହି ବହୁ ଉଚ୍ଚପଦସ୍ଥ ଅଫିସର ପଛଘୁଞ୍ଚା ଦେଲେ। କିଛିଦିନ ପରେ ସମସ୍ତ ଅମଲାଙ୍କୁ ଏକତ୍ରକରି ଏକ ବୈଠକ କରାଗଲା, ବୈଠକର ନିଷ୍ପତ୍ତିକ୍ରମେ ଦରଖାସ୍ତ ଲେଖାଯାଇ କଲେକ୍ଟରଙ୍କ ନିକଟକୁ ପଠାଗଲା। ଆମ ଦରଖାସ୍ତ ତାଙ୍କ ହସ୍ତଗତ ହେବାପରେ ସେ ଅନୁକୂଳ ମତ ପ୍ରକାଶ କଲେ। ସେ ସମୟରେ ଉତ୍କଳର କମିଶନର ଥିବା ଟି. ରେଭେନ୍‌ଶା କଲେକ୍ଟରଙ୍କ ପ୍ରେରିତ ଦରଖାସ୍ତ ଉପରେ ଅନୁକୂଳ ମତ ପ୍ରଦାନ କରି ସରକାରଙ୍କ ନିକଟକୁ ପଠାଇଲେ । ଭାଷାକୁ ବଞ୍ଚାଇବାର ଯାତ୍ରା ସଫଳ ହେଲା।


ସରକାରଙ୍କ ହୁକୁମ ଆସିଲା, 'ଓଡ଼ିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷା ଉଠାଇ ଉତ୍କଳ ଭାଷାର ପ୍ରଚଳନ ହେବ। ଏହି ଭାଷା ସାହିତ୍ୟ ଆନ୍ଦୋଳନର ପ୍ରମୁଖ ହେଉଛନ୍ତି ଯୁଗସ୍ରଷ୍ଟା ବ୍ୟାସକବି ଫକୀରମୋହନ ସେନାପତି। ୧୩ ଜାନୁଆରୀ ୧୮୪୩ରେ ମକରସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲାର ମଲ୍ଲିକାଶପୁରରେ ତାଙ୍କ ଜନ୍ମ। ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାତା ତୁଳସୀ ଦେବୀ। ତାଙ୍କୁ ଏକ ବର୍ଷ ପାଞ୍ଚମାସ ହୋଇଥିବାବେଳେ ପିତାଙ୍କ ମୃତ୍ୟୁ ହୋଇଥିଲା। ଏହାର ମାତ୍ର ଚଉଦ ମାସ ପରେ ମାତାଙ୍କ ଦେହାନ୍ତ ହୋଇଥିଲା। ଜେଜେମା'ଙ୍କ ଲାଳନପାଳନରେ ସେ ବଡ଼ ହୋଇଥିଲେ। ଓଡ଼ିଆ ଭାଷା ସାହିତ୍ୟରେ ତାଙ୍କ ସ୍ଥାନ ଅପୂରଣୀୟ।

**– ଅର୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

## ମତାମତ

- ତୁମତୂଳୀରେ ପ୍ରକାଶିତ ସମସ୍ତ ଚିତ୍ର ବହୁତ ସୁନ୍ଦର ହୋଇଥିଲା।
**–ନୀହାର ରାଉତ, ତାଳଚେର**
- ଜଣାଅଜଣା ପୃଷ୍ଠାରେ ପ୍ରକାଶିତ କାର୍ଡିନଲ୍ସ ବାର୍ଡ ପାଠଟିରୁ ସେହି ବାର୍ଡ ସମ୍ପର୍କରେ ଜାଣିହେଲା ଏବଂ ଯାଦୁବାକ୍ସ ପାଠଟିରୁ ଏହା ପଛରେ ଥିବା ସମସ୍ତ ରହସ୍ୟ ବିଷୟରେ ଜାଣିବାକୁ ମିଳିଲା।
**–ଶୁଶାନ୍ତ କୁମାର ସ୍ୱାଇଁ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା**
- କହିଲ ଦେଖି ସ୍ତମ୍ଭଟି ଶିକ୍ଷଣୀୟ ହେଉଛି।
**–ଉମାଶଙ୍କର ନାୟକ, ନୂଆବଜାର, କଟକ**

## ରଙ୍ଗ ଦିଅ





ପିଲାଟିଏ ଯଦି ସ୍ମାର୍ଟ ହେଲା ତେବେ ଏହାଦ୍ୱାରା ସେ ନିଜ ଜୀବନଶୈଳୀକୁ ବିନା ବାଧାବିଘ୍ନରେ ଆଗକୁ ଆଗେଇ ନେଇଥାଏ। ପ୍ରତିଟି ପିଲା ଚାହେଁ, ସେ କିପରି ସ୍ମାର୍ଟ ହେବ, ହେଲେ ଅନେକଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇପାରି ନ ଥାଏ । ଏମିତିରେ ଯଦି ପିଲା ନିଜକୁ ସ୍ମାର୍ଟ କରିବାକୁ ଚାହାନ୍ତି, ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ସେହି ବିଷୟରେ ନିମ୍ନରେ କେତୋଟି ଟିପ୍ସ ଦିଆଯାଉଛି, ଯାହା ତୁମକୁ ଏ କ୍ଷେତ୍ରରେ ଅନେକାଂଶରେ ସାହାଯ୍ୟ କରିବ.....

# ସ୍ମାର୍ଟ ହେବା ପାଇଁ..

## ସହଯୋଗ

ସ୍ମାର୍ଟ ହେବା କ୍ଷେତ୍ରରେ ପାଠପଢ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ସେତିକି ନୁହେଁ ବୀରପୁରୁଷମାନଙ୍କ ଆତ୍ମଜୀବନୀ ପଢ଼ନ୍ତୁ। କାରଣ ଏଥିରେ ଅନେକ କଥା ଲୁଚି ରହିଥାଏ। ଏହାଦ୍ୱାରା ନିଜର ଆତ୍ମବିଶ୍ୱାସ ଦୃଢ଼ ହୋଇଥାଏ।

## ଚିନ୍ତାଧାରା

ସ୍ମାର୍ଟ ରହିବାକୁ ହେଲେ ପ୍ରତିଟି କଥାକୁ ଧ୍ୟାନ ସହକାରେ ଶୁଣନ୍ତୁ ଏବଂ ତାହର ମହତ୍ୱକୁ ଉପଲବ୍ଧି କରନ୍ତୁ। ନୂଆ ଜିନିଷ ଶିଖିବାକୁ ଆଗ୍ରହ ରଖନ୍ତୁ। ଏହାଦ୍ୱାରା ତାଙ୍କର ଚିନ୍ତାଧାରାରେ ପରିବର୍ତ୍ତନ ଆସିଥାଏ ଏବଂ ଏଥିରୁ ଅନେକ ନୂଆକଥା ଶିଖିବାକୁ ମିଳିଥାଏ।

## ସମସ୍ୟାର ସମାଧାନ

ଯଦି କିଛି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ତାହାର ସମାଧାନର ବାଟ ନିଜେ ଖୋଜିବାକୁ ଚେଷ୍ଟା କରନ୍ତୁ। ନଚେତ୍ ମାତାପିତା କିମ୍ବା ଗୁରୁଜନଙ୍କ ପରାମର୍ଶ ନିଅନ୍ତୁ। ଯଦି କେହି ଏଥିରେ ସହାୟତା କରୁଛନ୍ତି ତେବେ ତାହାକୁ ତର୍ଜମା କରି ଗ୍ରହଣ କରନ୍ତୁ।

## ଖାଦ୍ୟ

ସ୍ମାର୍ଟ ରହିବାକୁ ହେଲେ ଖାଦ୍ୟର ଆବଶ୍ୟକତା ରହିଛି। ପୁଷ୍ଟିକର ଖାଦ୍ୟ ସହିତ ଡ୍ରାଏ ଫ୍ରୁଟ୍ସ ଭଳି କୌଣସି ଖାଦ୍ୟ ଖାଆନ୍ତୁ। ସନ୍ତୁଳିତ ଖାଦ୍ୟ ଖାଇବା ଦ୍ୱାରା ଏହାର ଭଲ ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଆଉ ଅନେକାଂଶରେ ସ୍ମାର୍ଟ ହେବା କ୍ଷେତ୍ରରେ ଏହା ସହାୟକ ହୋଇଥାଏ।

## ରୋଲ୍ ମଡେଲ

ସବୁବେଳେ ଭଲ କଥା ଶିଖିବାକୁ ଚେଷ୍ଟା କରନ୍ତୁ। ପ୍ରତିଦିନ ଯେମିତିକି ବ୍ରଶ କରିବା, ହାତ ଧୋଇବା ବ୍ୟତୀତ ଅନ୍ୟମାନଙ୍କ ନମ୍ର ବ୍ୟବହାର କରନ୍ତୁ। ନିଜକୁ ସ୍ମାର୍ଟ ରଖିବାକୁ ହେଲେ ଆଚାର ବ୍ୟବହାର ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଏ ସମ୍ପର୍କରେ କାହାକୁ ବି ଆପଣ ନିଜ ରୋଲ ମଡେଲ କରିପାରିବେ।

## ଲାଇବ୍ରେରୀ ଯାଆନ୍ତୁ

ଲାଇବ୍ରେରୀ ଯିବା ଅଭ୍ୟାସ କରନ୍ତୁ। ସେଠାରେ ଏଭଳି ଭଲ ବହି ପଢ଼ନ୍ତୁ ଯାହା ନିଜକୁ ସ୍ମାର୍ଟ ରଖିବାରେ କେତେକାଂଶରେ ସାହାଯ୍ୟ କରିବ। ଏହାଦ୍ୱାରା ମଧ୍ୟ ବିଭିନ୍ନ ବିଷୟରେ ନିଜର ଜ୍ଞାନ ବଢ଼ିଥାଏ ଏବଂ ଏଥିରୁ କିଛି ଶିଖିବାକୁ ମିଳିଥାଏ। ତେଣୁ ନିଜକୁ ସ୍ମାର୍ଟ ରଖିବାକୁ ହେଲେ ନିୟମିତ ସମୟ ଅନ୍ତରାଳରେ ସ୍କୁଲ୍ ଲାଇବ୍ରେରୀ ଯାଆନ୍ତୁ। ନିୟମିତ ଖବରକାଗଜ ଏବଂ ପତ୍ରପତ୍ରିକା ପଢ଼ନ୍ତୁ।





## ଏମାନେ କ'ଣ କରନ୍ତି...

### ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରେ



ନିଜକୁ ସ୍ମାର୍ଟ ରଖିବାକୁ ମୁଁ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ଗୁରୁତ୍ୱ ଦେଇଥାଏ। ପାଠପଢ଼ାକୁ ନେଇ କେବେ ଅଧିକ ଟେନସନ୍ ନେଇ ନ ଥାଏ। ନିଜକୁ ଯେତେ ସମ୍ଭବ ଟେନସନ୍ ଫ୍ରି ରଖିବାକୁ ଚେଷ୍ଟା କରେ। ତେଣୁ ମୋ ମନରେ ଆସୁଥିବା ନକାରାତ୍ମକ ଭାବନାଠାରୁ ଦୂରେଇ ରହିବାକୁ ପ୍ରୟାସ କରେ। କାରଣ ନକାରାତ୍ମକ ଭାବନା ଯୋଗୁଁ ମନ ସବୁବେଳେ ଭାରାକ୍ରାନ୍ତ ରହିଥାଏ।

-**ଲିପି ଦାଶ**, କ୍ଲାସ୍-୯, ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ,ପାଇକମାଳ,ବରଗଡ

### ନିଜକୁ ଖୁସିର ମାହୋଲରେ ରଖିବାକୁ ଚେଷ୍ଟା କରେ



ମନ ଯଦି ଖୁସି ରହିଲା, ତେବେ ଜଣେ ସ୍ମାର୍ଟ ରହିପାରିବ। ତେଣୁ ମୁଁ ସବୁବେଳେ ଖୁସିର ମାହୋଲ ଭିତରେ ରହିବାକୁ ଚେଷ୍ଟା କରେ। କିଛି ସମସ୍ୟାର ସମ୍ମୁଖୀନ ହେଲେ ତାହାକୁ ନେଇ ବିଚଳିତ ହୁଏ ନାହିଁ। ତେଣୁ ସବୁବେଳେ ଭାବନାକୁ ସକାରାତ୍ମକ ରଖେ। ଏଭଳି ଚିନ୍ତାଧାରା କେବେ ମନରେ ଆଣେନା, ଯାହାଦ୍ୱାରା ମୋ ସ୍ମାର୍ଟନେସ୍ ପ୍ରଭାବିତ ହେବ। ଏଥିପାଇଁ ମନକୁ ସବୁବେଳେ ଫ୍ରି ରଖେ। ଆଉ ନିଜକୁ ସ୍ମାର୍ଟ ରଖିବାକୁ ଲାଗି ସବୁବେଳେ ନିଜ ଦୈନନ୍ଦିନ ଜୀବନଶୈଳୀକୁ ଗୁରୁତ୍ୱ ଦେଇଥାଏ।

-**ଓମ୍ ଶିବ୍ ମହାନ୍ତି**,କ୍ଲାସ୍-୭,ସେଣ୍ଟ ଜାଭିୟର ହାଇସ୍କୁଲ, ପୁରୀ




୧




୨



୩



୭



୪




୫



୬




୮



୧ ଆଦିଶା କାନୁନ୍‌ଗୋ
କ୍ଲାସ୍-୧, ଡିଏଭି ପବ୍ଲିକ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର

୨ ଆୟୁଷ ମିଶ୍ର
କ୍ଲାସ୍- ୯, ବିଜେଇଏମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର





୩ ସାଇ ଶିବେଶ ବେହେରା
କ୍ଲାସ୍-୬, କାର୍ମେଲ ସ୍କୁଲ, ରାଉରକେଲା

୪ ଜୟେଶ ତ୍ରିପାଠୀ
କ୍ଲାସ୍- ୨, ଓଡିଏମ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଅନୁଗୋଳ





୫ ସିଦ୍ଧିଶ୍ରୀୟା ସାହୁ
କ୍ଲାସ୍- ୬, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୩, ଭୁବନେଶ୍ୱର

୬ ସିଦ୍ଧିକ୍ସା ବେହେରା
କ୍ଲାସ୍- ୧, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର





୭ ରାଜଶ୍ରୀ ସାମନ୍ତରାୟ
କ୍ଲାସ୍- ୩, ସନ୍‌ରାଇଜ୍ ପବ୍ଲିକ ସ୍କୁଲ, ବରମୁଣ୍ଡା

୮ ଶ୍ରୀଦୀକ୍ଷା ଦେହୁରୀ
କ୍ଲାସ୍- ୧, ସେଣ୍ଟ ଜନ୍ ସ୍କୁଲ, ବୌଦ୍ଧ





# କବିତା

## ନୂଆ ସକାଳ

ସକାଳ ଆସେ ସୂରୁଯ ହସେ
ପୂର୍ବ ଆକାଶେ ଆମକୁ ଚାହିଁ,
ଶୀତ କାକର ଖରା କି ବର୍ଷା
ପାହିଲା ରାତି କହିଦିଅଇ ।
କାଉ ତ କଳା କୋଇଲି କଳା
ଅଟନ୍ତି କଳା ବଡ଼ ଠାକୁର
କଳା ଗୋରାରେ ବଡ କେ ନୁହଁ
ଭାବିଲେ ଥରେ ସବୁ ନିଜର ।
ନୂଆ ବରଷ ନୂଆ ସକାଳ
ନୂଆ କ'ଣ ଅଛି ଏଥିରେ
ସକାଳ ସୂର୍ଯ୍ୟ ବୁଡ଼ିବା ପରେ
ନିଇତି ରାତି ଆସେ ମହୀରେ ।
ସବୁ ତ ନୂଆ ହୁଏ ପୁରୁଣା
ଏ ସବୁ ପରା ପ୍ରକୃତି ନୀତି
ମିଶିକି ଥିଲେ ଆମେ ସଭିଏଁ
ନଥିବ କେବେ ଭୟ କି ଭୀତି ।

**–ଡ. ଅଜୟ କୁମାର ଜେନା**
ମୋ: ୯୮୫୩୨୦୭୫୪୬

## ମକର ସଂକ୍ରାନ୍ତି

ମକର ସଂକ୍ରାନ୍ତି ଲାଗେ ସରସ
ଗୁଡ଼ି ଉଡାଇବା ଆସରେ ଆସ
ସାଙ୍ଗ ସାଥୀ ମିଳିମିଶି
ଖେଳ କୁଦ ସଙ୍ଗେ ପାଠ ପଢୁଥିଲେ
ବାପା ମାଆ ହେବେ ଖୁସି।
ମକରରୁ ଦିନ ବକର ହେବ
ମଠ ମନ୍ଦିରରେ ଭିଡ଼ ଲାଗିବ
ଦିଅଁଙ୍କ ଆଶିଷ ନେବା
ରାଶିଜାଉ ଖାଇ ଖୁସିବାସି ହୋଇ
ଦିନଟି କଟାଇ ଦେବା।
ଏଇ ଦିନଠାରୁ ସୂରୁଯ ନିତି
ଉତ୍ତରାୟଣରେ କରିବେ ଗତି
ସର୍ବ ଭାରତୀୟ ପର୍ବ
ଆସ ମିଳିମିଶି ପାଳିବା ସଭିଏଁ
ଆମ ଗର୍ବ ଗଉରବ।

**– ଜଗଦୀଶ ସାହୁ**
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

## ଶୀତରେ ଶୀତ

ଶୀତ ଚାରିମାସ ଜାଣଇ ଜଗତ
ମାଇ କାକରରୁ ଆରମ୍ଭ,
ଥୁରୁ ଥୁରୁ ହୋଇ ଦାନ୍ତ ବାଜୁଥାଏ
ଚାଲେ ଶୀତ ଓଷା ପରବ।
ବିଲବାଡ଼ି ହସି ଲୋଟି ଯାଉଛନ୍ତି
ମୂଳା, ଆଳୁ, ବିଟ୍ ସହିତ
ପାଳଙ୍ଗ, ଟମାଟୋ, କୋବି, ବିନ୍,
ଲଙ୍କା, ପିଆଜ,ଶିମ୍ବକୁ ନେଇତ।
ଆଗମ ପ୍ରସ୍ଥାନ ଜୀବନର ଗତି
ପତ୍ରଝଡ଼ା ତରୁ ଦିଅନ୍ତି,
ଗେଣ୍ଡୁ, ଚମ୍ପା, ମଣ୍ଡା, ଟଗର,
ତରାଟ, ଗୋଲାପ, ଜିନିଆ ହସନ୍ତି।
ଦିନ ବଦଳୁଛି, ଭାବନା ବଦଳେ
ତୁମେ ବଦଳିନ ଆମକୁ ଛାଡ଼ି,
ତୁମ ସହ ବନ୍ଧା ସାହିତ୍ୟ, ସଂସ୍କୃତି ପର୍ବ
ଓଷା ସବୁଯିବ ଯେ ବୁଡ଼ି।

**–ଡ. ଗଙ୍ଗୋତ୍ରୀ ଦେବୀ**
କଳିଙ୍ଗନଗର, ଭୁବନେଶ୍ୱର
ମୋ: ୯୮୬୧୦୯୯୭୭୫

# ହାସ୍ୟ ରସିକ ବିବେକାନନ୍ଦ

ସ୍ୱାମୀ ବିବେକାନନ୍ଦ ଜଣେ ଦେଶପ୍ରେମୀ ତଥା ସମାଜ ସଂସ୍କାରକ। ଅନେକ ସମୟରେ ଆଧ୍ୟାତ୍ମିକତାର ଗଭୀର ପ୍ରଦେଶରେ ସେ ନିମଗ୍ନ ରହନ୍ତି। ଏହି ଦୃଷ୍ଟିରୁ ସମସ୍ତେ ଜାଣନ୍ତି ସେ ଗମ୍ଭୀର ସ୍ୱଭାବର ହୋଇଥିବେ। କିନ୍ତୁ ନିର୍ବିକଳ୍ପ ସମାଧିର ପୁରୁଷ ସ୍ୱାମୀ ବିବେକାନନ୍ଦ ବେଳେବେଳେ ଛୋଟ ପିଲାଙ୍କ ଭଳି ସ୍ୱଭାବ ଦେଖାଉଥିଲେ। ଏପରିକି ସେ ହାସ୍ୟରସ ସୃଷ୍ଟି କରିବାରେ ଅତ୍ୟନ୍ତ ବିଚକ୍ଷଣ ଥିଲେ। ଅନେକ ସମୟରେ ପିଲାଙ୍କ ଭଳି ହସକୌତୁକ ଓ ଦୁଷ୍ଟାମି ମଧ୍ୟ କରୁଥିଲେ। ଆମେରିକାରେ ଯେତେବେଳେ ସ୍ୱାମିଜୀ ବକ୍ତୃତା ଦେଉଥିଲେ, ସେତେବେଳର ଏକ ଘଟଣା। ସ୍ୱାମିଜୀ ନିତାନ୍ତ ସାଧାରଣ ମନୁଷ୍ୟ ପରି ଏକ ଛୋଟିଆ ଘରେ ରହୁଥିଲେ। ଦିନେ ଜଣେ ସାହେବ ସ୍ୱାମିଜୀଙ୍କ ଅନୁମତି ନ ନେଇ ଘର ଭିତରକୁ ପଶି ଗଲେ ଓ ଘର ଭିତରେ ଥିବା ପ୍ରତ୍ୟେକ ଜିନିଷକୁ କ'ଣ ବୋଲି ପଚାରି ତାଙ୍କୁ ବିରକ୍ତ କରିବାକୁ ଚେଷ୍ଟା କରୁଥିଲେ। ଭଦ୍ରତା ଦୃଷ୍ଟିରୁ ସ୍ୱାମିଜୀ କିଛି କହିପାରୁ ନ ଥିଲେ ହେଲେ ତାଙ୍କୁ ଶିକ୍ଷା ଦେବାର ଉପାୟ ଚିନ୍ତା କରୁଥିଲେ। ଘରେ ଏକ ପାତ୍ରରେ ଗୋଲ ଗୋଲ ଲଙ୍କାଗୁଡ଼ିଏ ଥିଲା। ସାହେବ ଜଣକ ପଚାରିଲେ, ଏଗୁଡ଼ିକ କ'ଣ? ସ୍ୱାମିଜୀ କୌତୁକ ଢଙ୍ଗରେ କହିଲେ,ଏଗୁଡ଼ିକ ସବୁ ଭାରତର ଏକପ୍ରକାର ସ୍ୱାଦିଷ୍ଟ କୋଳି। ଆପଣ ଏହାକୁ ଖାଇପାରନ୍ତି। ଏହା କହି ସ୍ୱାମିଜୀ ଘର ବାହାରକୁ ଚାଲିଗଲେ। ହଠାତ୍ ସାହେବ ଜଣକ ସେହି ନାଲି ଲଙ୍କାରୁ କିଛି ପାଟିରେ ପକାଇ ଦେଲେ। ତା'ପରେ ସେହି ସାହେବ ଜଣକଙ୍କ ଅବସ୍ଥା କ'ଣ ହୋଇଥିବ ତାହା ସହଜରେ ତୁମେ ଅନୁମାନ କରିପାରୁଥିବ। ଓଃ ମାଇଁ ଗଡ୍ କହି ଛଟିପିଟି ହୋଇ ଘରୁ ବାହାରକୁ ଚାଲି ଆସିଲେ। ପରେ ସେ ନିଜ ଭୁଲ ବୁଝି ପାରିଥିଲେ। ସେଦିନଠାରୁ ସେ କେବେହେଲେ ସ୍ୱାମିଜୀଙ୍କୁ ଚିଡାଇବାକୁ ଚେଷ୍ଟା କରନ୍ତି ନାହିଁ। ଥରେ ଜଣେ ବ୍ୟକ୍ତି ପଚାରିଲେ, ସ୍ୱାମିଜୀ ଆପଣ ଆଧ୍ୟାତ୍ମିକ ପୁରୁଷ ହୋଇ ଏତେ ହସୁଛନ୍ତି କିପରି? ଏପରି ପ୍ରଶ୍ନରେ ସ୍ୱାମିଜୀଙ୍କ ହସ ଯେପରି ଆହୁରି ଉଛୁଳି ପଡ଼ିଲା। ସେ କହିଲେ, ଆରେ, ଆଧ୍ୟାତ୍ମିକ ବୋଲି ତ ହସେ। ଆମେ ତ ପାପୀ ନୋହୁ, ଆମେ ସବୁ ଅମୃତର ସନ୍ତାନ।



**– ପ୍ରଭାତ କୁମାର ମହାପାତ୍ର**
ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ
ମୋ: ୭୮୯୪୦୦୫୪୫୫

# ଏଥରର ?

- ଆରବ ସାଗରରେ କେଉଁ ଦ୍ୱୀପ ରହିଛି ?
- ବାୟୁମଣ୍ଡଳରେ ନାଇଟ୍ରୋଜେନ୍‌ର ପରିମାଣ ଶତକଡା କେତେ ?
- ଅଧିବର୍ଷ କେତେଦିନ ?
- ଜଳ ବାଷ୍ପରେ ପରିଣତ ହେବାର ପ୍ରକ୍ରିୟାକୁ କ'ଣ କୁହାଯାଏ ?
- ''ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି।'' ଏହି ସ୍ଲୋଗାନ୍ କାହାର ଥିଲା ?

## ଗତଥରର ଉ ତ୍ତ ର

- ଫଟୋସିନ୍ଥେସିସ୍
- ୮
- ୨ଟି
- ବାବର
- ପ୍ରୋଟିନ୍

## କହିଲ ଦେଖି

କୃଷିଭିତ୍ତିକ ଏକ ପରବ ସିଏ
ଜାନୁଆରୀ ମାସେ ପାଳନ ହୁଏ
ଉତ୍ତରାୟଣ ଗତି ସୂର୍ଯ୍ୟଙ୍କ ହୁଏ
ମକରରାଶିକୁ ଗମନ ଥାଏ
ଅମଳର ପର୍ବ ଦୁନିଆକୁ ହେ
ନାମଟି ତାହାର କହିବ କିଏ ?



**ଉ– ମକରସଂକ୍ରାନ୍ତି**

ନୂଆ ଚାଉଳରେ ଲାଗଇ ଭୋଗ
ଛେନା କଦଳୀରେ ଲାଗଇ ବାଗ
ବନ୍ଧୁବାନ୍ଧବ ଥାନ୍ତି ସେ ଭୋଗ ଖୋଇ
କିଏ ସେ ପାରିବ ତା' ନାମ କହି ?



**ଉ– ମକରଚାଉଳ**

ଅତି ଆନନ୍ଦରେ ଆକାଶେ ଉଡ଼େ
ନଟେଇକୁ ଧରି ମୁନିବ ଭିଡ଼େ
ରକ୍ତମାଂସେ ଗଢ଼ା ପକ୍ଷୀ ସେ ନୁହେଁ
କାଗଜରେ ପରା ତିଆରି ହୁଏ
ମକର ଆସିଲେ ଉଡ଼ଇ ବେଶି
ତା'ସାଥିରେ ସବୁ ହୁଅନ୍ତି ଖୁସି
ଦେଖିବାକୁ ସିଏ ଭାରି ସୁନ୍ଦର
କିଏସେ କହିବ ନାମଟି ତା'ର ?



**ଉ– ଗୁଡ଼ି**

ସକାଳହେଲେ ପୂରୁବ ଦିଗେ
ହୁଅନ୍ତି ଆସି ଉଭା
ସନ୍ଧ୍ୟା ହୋଇଲେ ଯାଆନ୍ତି ଫେରି
ସଜେଇ ଆକାଶଗଭା
ସଭିଏଁ ତାଙ୍କୁ କରନ୍ତି ପୂଜା
କୁହଇ କିଏ ରବି
ଜାଣିଛ ଯଦି ନାମଟି ତାଙ୍କ
ଉତ୍ତର ଦିଅ ଭାବି ?



**ଉ– ସୂର୍ଯ୍ୟ**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# ଜଣା ଅଜଣା

## ବିଷାକ୍ତ ଘାସ

ଗୃହପାଳିତ ପ୍ରାଣୀଙ୍କର ଅନ୍ୟତମ ମୁଖ୍ୟ ଖାଦ୍ୟ ଘାସ। ଏବେ ବିଭିନ୍ନ ପ୍ରକାର ଘାସ ଚାଷ ମଧ୍ୟ କରାଯାଉଛି। ଖେଳପଡ଼ିଆର ସବୁଜଭରା ଘାସ ବେଶ୍ ଆକର୍ଷଣୀୟ ହୋଇଥାଏ। ହେଲେ ଏପରି ଏକପ୍ରକାର ଘାସ ଅଛି, ଯାହାକୁ ବିଷାକ୍ତ ଘାସ ଭାବରେ ଗ୍ରହଣ କରାଯାଇଛି। ଏହାକୁ ଛୁଇଁବା ମାତ୍ରେ ମନୁଷ୍ୟ ଶରୀରରେ ଆଲର୍ଜି ସମସ୍ୟା ଦେଖାଦେଇଥାଏ। ତେଣୁ ସେଭଳି ଘାସଠାରୁ ସେଠାକାର ଅଧିବାସୀ ନିଜକୁ ଦୂରେଇ ରଖିଥାଆନ୍ତି। ଏହାର ନାମ ହେଲା 'ଗାଜର ଘାସ'। ବିଶେଷଭାବରେ ଏହା ମନୁଷ୍ୟ ପାଇଁ ବେଶ୍ ବିପଦପୂର୍ଣ୍ଣ। ଏଭଳି ଘାସ ଯେକୌଣସି ସ୍ଥାନରେ ଜନ୍ମ ନେଇଥାଏ ଏବଂ ଖୁବ୍ ଶୀଘ୍ର ମାଡ଼ି ଯାଇଥାଏ। କୃଷି ବିଜ୍ଞାନୀଙ୍କ ମତାନୁସାରେ ଯଦି କେହି କେବେ ଏହି ଘାସ ସଂସ୍ପର୍ଶରେ ଆସନ୍ତି, ତେବେ ଆଲର୍ଜି, ଏକଜିମା ଏପରି କି କେତେକ ତ୍ୱଚାଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ହେଲେ ପ୍ରାଣୀମାନେ ଏହାକୁ ଦେଖିବା ମାତ୍ରେ ତାହାଠାରୁ ନିଜକୁ ଦୂରେଇ ନେଇଥାଆନ୍ତି ଏବଂ ଏଭଳି ଘାସକୁ କଦାପି ଖାଇ ନ ଥାନ୍ତି। ଏହି ଘାସରେ 'ପାରୋଥୋନିନ୍' ନାମକ ବିଷାକ୍ତ ରାସାୟନିକ ତତ୍ତ୍ୱ ରହିଛି। ତେଣୁ ଏହାର ସଂସ୍ପର୍ଶରେ ଆସିବା ମାତ୍ରେ ସେହି ସ୍ଥାନ କୁଣ୍ଡାଇ ହୋଇଥାଏ। ତା'ପରେ ଆଲର୍ଜିଜନିତ ସମସ୍ୟା ଦେଖାଦେଇଥାଏ।



## ଅଧିକ କ୍ଷୀର ଦେଉଥିବା ଗାଈ

ବିଶ୍ୱରେ ବିଭିନ୍ନ ପ୍ରଜାତିର ଗାଈ ଦେଖିବାକୁ ମିଳିଥାନ୍ତି। କିନ୍ତୁ ଗାଈ ଏକ ଏପରି ପ୍ରାଣୀ ଯାହାର ହିନ୍ଦୁ ଧର୍ମରେ ବିଶେଷ ମହତ୍ତ୍ୱ ରହିଛି। କେବଳ ଏତିକି ନୁହେଁ, ଗାଈର କ୍ଷୀର ମଧ୍ୟ ବେଶ୍ ଲାଭଦାୟକ ହୋଇଥାଏ। ବିଶ୍ୱରେ ଗାଈଙ୍କ ସଂଖ୍ୟା ତାଲିକାରେ ଭାରତ ପ୍ରଥମ ସ୍ଥାନରେ ରହିଛି। କେବଳ ସେତିକି ନୁହେଁ ଦୁଗ୍ଧ ଉତ୍ପାଦନରେ ଭାରତ ମଧ୍ୟ ଶୀର୍ଷ ସ୍ଥାନ ହାସଲ କରିଛି। ଏହି କ୍ଷେତ୍ରରେ ଭାରତ ପରେ ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ଆମେରିକା। ତା'ପରେ ଚାଇନା,ପାକିସ୍ତାନ ଏବଂ ବ୍ରାଜିଲ୍ ରହିଛି। ଗାଈ କ୍ଷୀରରେ ପ୍ରୋଟିନ୍ ଏବଂ ଲାକ୍ଟୋଜ୍ ଆଦି ସ୍ୱାସ୍ଥ୍ୟ ପାଇଁ ଉପକାରୀ ତତ୍ତ୍ୱ ରହିଛି। ବିଶ୍ୱରେ ପ୍ରାୟ ୨୬୪ ମିଲିୟନ୍‌ରୁ ଅଧିକ ଦୁଧିଆଳୀ ଗାଈ ଅଛନ୍ତି, ଯେଉଁମାନେ କି ପ୍ରତିବର୍ଷ ୬୦୦ମିଲିୟନ୍ ଟନ୍ କ୍ଷୀର ଦେଇଥାନ୍ତି। ତେବେ ଆମେରିକାର ହୋଲିଷ୍ଟିନ୍ ପ୍ରଜାତିର ଗାଈ ଅଧିକ ଦୁଗ୍ଧ ଦେଇଥାନ୍ତି। ଏହି ଗାଈମାନେ ଦିନକୁ ପାଖାପାଖି ୧୦୦ଲିଟରରୁ ଅଧିକ କ୍ଷୀର ଦେଇଥାନ୍ତି।





## ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିବା ସାମୁଦ୍ରିକ ଜୀବ

ସମୁଦ୍ର ହେଉଛି ବିଭିନ୍ନ ରହସ୍ୟମୟ ଜିନିଷର ଗନ୍ତାଘର। ଏହାର ସୁନୀଳ ଜଳରାଶି ସୁନ୍ଦର ଦେଖାଯାଏ। ଏହାର ପାଣି ଭିତରେ ଅନେକ ପ୍ରକାର ଜୀବ ବାସ କରନ୍ତି। ସେମାନେ ନିଜ ନିଜ ଖାଦ୍ୟ ଅନ୍ୱେଷଣ କରିଥାଆନ୍ତି। ହେଲେ ଏପରି ଏକ ସାମୁଦ୍ରିକ ଜୀବ ଅଛି ଯିଏ ନିଜ ପାଇଁ ନିଜେ ଖାଦ୍ୟ ପ୍ରସ୍ତୁତ କରିଥାଏ। ଅବଶ୍ୟ ଏକଥାକୁ ଅନେକେ ଅବିଶ୍ୱାସ କରିପାରନ୍ତି। ହେଲେ ଏହା ପଛରେ ସତ୍ୟତା ରହିଛି। ଏହି ବିଚିତ୍ର ସାମୁଦ୍ରିକ ଜୀବଟି ହେଲା କଙ୍କଡା। ଏହି ପ୍ରଜାତିର କଙ୍କଡାର ଲମ୍ବ ମାତ୍ର ୧୫ସେମି। ଉକ୍ତ ଜୀବ ସମୁଦ୍ରର ନିମ୍ନ ଭାଗରେ ରହିଥାଆନ୍ତି। ବିଶେଷଭାବରେ ଯେଉଁ ସ୍ଥାନରେ ମାଟିରୁ ଉଷ୍ମ ଗ୍ୟାସ୍ ବାହାରିଥାଏ ସେହିସ୍ଥାନରେ ଏଭଳି ଜୀବ ବାସ କରନ୍ତି। ଏମାନେ ପ୍ରାୟ ୩୨ ଡିଗ୍ରୀ ତାପମାତ୍ରାରେ ରହନ୍ତି। ଏମାନଙ୍କର ଦୃଷ୍ଟିଶକ୍ତି ନାହିଁ କିନ୍ତୁ ଅନ୍ଧାରୁଆ ଅଞ୍ଚଳରେ ରହନ୍ତି। ଏମାନଙ୍କର ଗୋଡ଼ ପଞ୍ଝାରେ ସେମାନେ ବ୍ୟାକ୍ଟେରିଆମାନଙ୍କୁ ନିଜ ଅକ୍ତିଆରକୁ ଆଣିଥାନ୍ତି। ସେମାନେ ଯେତେବେଳେ ଖାଇବାକୁ ଉପଯୁକ୍ତ ହୋଇଯାଆନ୍ତି ସେତେବେଳେ ସେମାନଙ୍କୁ ଖାଦ୍ୟ ଭାବରେ ବ୍ୟବହାର କରନ୍ତି। ତେଣୁ ଏମାନଙ୍କୁ ନିଜେ ନିଜର ଖାଦ୍ୟ ପ୍ରସ୍ତୁତ କରୁଥିବା ସାମୁଦ୍ରିକ ଜୀବ ଭାବରେ ଗ୍ରହଣ କରାଯାଇଛି।



## ନଦୀଗୁଡ଼ିକର ମିଳନସ୍ଥଳୀ ସଙ୍ଗମ

ପୃଥିବୀପୃଷ୍ଠରେ ଅନେକ ନଦୀ, ହ୍ରଦ, ସମୁଦ୍ର ରହିଛି। ବିଶେଷଭାବରେ ଯେଉଁଠି ଏକାଧିକ ନଦୀ ମିଳିତ ହୁଅନ୍ତି ସେହି ସ୍ଥାନକୁ 'ସଙ୍ଗମ' ବୋଲି କୁହାଯାଏ। ଆମ ଦେଶରେ ଏଭଳି ଅନେକ ଉଦାହରଣ ରହିଛି। ଏଭଳି ସ୍ଥାନ ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିଥାଏ। ଭାରତରେ ସବୁଠାରୁ ପ୍ରସିଦ୍ଧ 'ସଙ୍ଗମ' ସ୍ଥାନ ହେଉଛି ପ୍ରୟାଗରାଜ। ଏଠାରେ ବର୍ଷକୁ ଥରେ କୁମ୍ଭମେଳା ଅନୁଷ୍ଠିତ ହୋଇଥାଏ, ଯେଉଁଠି ସହସ୍ରାଧିକ ସାଧୁସନ୍ଥ ଏକତ୍ର ହୋଇ ପୂଜାର୍ଚ୍ଚନା କରିଥାଆନ୍ତି। ଏହି ସ୍ଥାନରେ ଗଙ୍ଗା, ଯମୁନା ଏବଂ ବିଲୁପ୍ତ ସରସ୍ୱତୀ ନଦୀ ଏକାଠି ହୋଇଛନ୍ତି। ପ୍ରୟାଗରାଜକୁ ଆମ ଦେଶର ଅନ୍ୟତମ ପବିତ୍ର ତୀର୍ଥସ୍ଥାନ ଭାବେ ବିବେଚନା କରାଯାଏ। ଏହାବ୍ୟତୀତ ଉତ୍ତରାଖଣ୍ଡରେ 'ଦେବପ୍ରୟାଗ' ନାମକ ଏକ ସଙ୍ଗମସ୍ଥଳ ରହିଛି। ଏଠାରେ ପାଞ୍ଚଟି ନଦୀ ଏକତ୍ର ହୋଇଛନ୍ତି। ଖାସ୍ କଥା ହେଲା ଏହି ସ୍ଥାନରୁ ଅଳକାନନ୍ଦା ଏବଂ ଭାଗୀରଥି ଏକତ୍ର ହୋଇ ପବିତ୍ର ଗଙ୍ଗା ନଦୀ ସୃଷ୍ଟି ହୋଇଛି। ଦେବପ୍ରୟାଗକୁ ମଧ୍ୟ 'ନଦୀର ମହାତୀର୍ଥରାଜ' ବୋଲି କୁହାଯାଏ।

# ଆ ଇ ନା

ଲକ୍ଷ୍ମୀପ୍ରିୟା ଦାଶ
୮ ବର୍ଷ/ ବାଲେଶ୍ୱର






ଦିବ୍ୟାଂଶୀ ପୁଣ୍ୟଶ୍ଳୋକ ବିଶୋୟୀ
୮ ବର୍ଷ/କୋରାପୁଟ